Largest Circulated Odia Daily
SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






# ଅସମ୍ଭବ ଲକ୍ଷ୍ୟ ପଛରେ ଧାବମାନ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୧/୬୫

ତାରିଖ : ୧୨/୨୧/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୭.୫ | ୨୬.୧ |
| କଟକ | ୧୫.୯ | ୨୭.୧ |
| ବାଲେଶ୍ୱର | ୧୭.୫ | ୨୬.୭ |
| ଗୋପାଳପୁର | ୧୯.୧ | ୨୬.୨ |
| ଝାରସୁଗୁଡ଼ା | ୧୩.୦ | ୨୭.୮ |

ବିତର୍କ/ମତାମତ ସଂଗ୍ରହ

ରାଜ୍ୟର ସ୍ୱାର୍ଥ ପାଇଁ କେମିତି ଲଢ଼ିବାକୁ ହୁଏ ଓଡ଼ିଶା ବଙ୍ଗଳାଠାରୁ ଶିଖିବା ଉଚିତ୍ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ପ୍ରଧାନମନ୍ତ୍ରୀ କହିଲେ, ଏନ୍‌ଡିଏ ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇଛନ୍ତି

ଭୁବନେଶ୍ୱର, (ଇମିସ): ଏଆଇଆଇଏମ୍‌ଏସ୍ ଶାଖା ଓ ଜାତୀୟ ବିଜ୍ଞାନ ସଂସ୍ଥା (ଏନ୍‌ଆଇଏସ୍) ପ୍ରତିଷ୍ଠାକୁ ନେଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଓଡିଶାବାସୀଙ୍କୁ ଭୁଆଁ ବୁଲାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମନମୋହନ ସିଂହ ସିପିଆଇ(ଏମ୍)ର ୬ ଜଣିଆ ସାଂସଦ ପ୍ରତିନିଧିଙ୍କୁ କହିଛନ୍ତି। ସେ କହିଛନ୍ତି ଯେ ଏହା ନିର୍ବାଚନ ପୂର୍ବରୁ କେବଳ ଏକ ରାଜନୈତିକ ଚାଲ୍ ଥିଲା। ଏହି ଦୁଇ ପ୍ରତିଷ୍ଠାନ ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନଥିଲା କିମ୍ବା ବଜେଟ୍ରେ ଏଥି ପାଇଁ କୌଣସି ଅର୍ଥର ବ୍ୟବସ୍ଥା ନଥିଲା। ବାଜପେୟୀ ସରକାର ୬ଟି ସ୍ଥାନରେ ଏଆଇଆଇଏମ୍‌ଏସ୍ ଶାଖା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ କୌଣସି ସଂସ୍ଥା ପାଇଁ କ୍ୟାବିନେଟ୍ ମଂଜୁରି ବା ବଜେଟରେ ଅର୍ଥ ବ୍ୟବସ୍ଥା ହୋଇ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଏନ୍‌ଆଇଏସ୍, ସିଜୁଆରେ ଜାତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏଆଇଆଇଏମ୍‌ଏସ୍), ପାରାଦ୍ୱୀପରେ ତୈଳ ବିଶୋଧନାଗାର ଓ ବୁର୍ଲା ଇଂଜିନିଅରିଂ କଲେଜକୁ ଆଇଆଇଟି ମାନ୍ୟତା ଦେବାକୁ ଏହି ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି କରିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏହା କହିଥିଲେ ବୋଲି ପାର୍ଟିର ରାଜ୍ୟ ସଂପାଦକ ଜନାର୍ଦ୍ଦନ ପତି ଗତକାଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରୀ ପତି କହିଛନ୍ତି ଯେ ଗତ ୧୬ ତାରିଖରେ ସାଂସଦ ସୀତାରାମ ୟେଚୁରି, ବାସୁଦେବ ଆଚାର୍ଯ୍ୟ, ପି. ମଧୁ, ଅମିତାଭ ନନ୍ଦି, ବାବୁ ରାଓ, ଦୀପଙ୍କର ମୁଖାର୍ଜୀ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ସାକ୍ଷାତ କରିଥିଲେ। ବାମପନ୍ଥୀ ସାଂସଦଙ୍କ ଚକ୍ରାନ୍ତରେ ଓଡିଶାରୁ ପ୍ରସ୍ତାବିତ ଏନ୍‌ଆଇଏସ୍ କୋଲକାତାକୁ ଉଠିଗଲା ବୋଲି ରାଜ୍ୟର ଶାସକ ଦଳ ଅଭିଯୋଗ କରୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଏହି ସ୍ପଷ୍ଟୀକରଣ ଏବେ ଶାସକ ଦଳ ପାଇଁ ବୁମେରାଂ ହେବ। ତେବେ ପଶ୍ଚିମବଙ୍ଗକୁ ଉଠି ଯାଇଥିବା ଏନ୍‌ଆଇଏସ୍କୁ ଓଡିଶାକୁ ପୁନର୍ବାର ଫେରାଇ ଦେବା ପାଇଁ ଏହି ବାମପନ୍ଥୀ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ ନା ନୂଆ କରି ଆଉ ଏକ ଏନ୍‌ଆଇଏସ୍ ଓଡିଶାରେ ସ୍ଥାପନ କରିବା ପାଇଁ ଏମାନେ ଦାବି କରିଥିଲେ ସେ ସଂପର୍କରେ ଶ୍ରୀ ପତିଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିବା ବେଳେ ସେ ବାମ ସାଂସଦ ଦାବି କରିଥିବା କଥା କହିଥିଲେ। ଓଡିଶା ପ୍ରତି କେନ୍ଦ୍ର ସରକାର ଅବିଚାର କରୁଛି ବୋଲି ପ୍ରତିନିଧି ଦଳରେ ଯାଇଥିବା ଶ୍ରୀ ପତି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ବୋଲି



**ସାଂସଦ ହେମାମାଳିନୀଙ୍କୁ ଦେଖନ୍ତୁ ଶ୍ରୀରାଧାଙ୍କ ରୂପରେ। ନୂଆଦିଲ୍ଲୀରେ ଏକ ନୃତ୍ୟ କାର୍ଯ୍ୟକ୍ରମରେ ....।**

ଅନ୍ୟାନ୍ୟ ଖବର

- ଇପିଏ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାଙ୍କ ମତ, ଓଡ଼ିଶାରେ ଫଟୋ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ
- ରାସଗୋବିନ୍ଦପୁର ବ୍ଲକରେ ଏଡ୍‌ସ ସଚେତନତା କର୍ମଶାଳା, ନିରାପଦ ଯୌନ ସଂପର୍କ ହିଁ ଏଡ୍‌ସର ରକ୍ଷାକବଚ: ଅପରାଜିତା
- ଅନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଡକାୟତ ଅଭି ଡମ୍ବ ଗିରଫ
- ନାଲ୍‌କୋ ବାସଚ୍ୟୁତଙ୍କ ପକ୍ଷରୁ ନିର୍ଦ୍ଦେଶକଙ୍କୁ ଘେରାଉ
- ମନମୋହନଙ୍କ ଲକ୍ଷେ ପଚ୍ଚା ଭିତରେ ଭୂତି ଦେଇର ନାଁ ନାହିଁ!
- ବିଦେଶୀ କୋଇଲା ବଦଳରେ ଇଟାଗୁଣ୍ଡ ଯୋଗାଣ: ୪ ଟ୍ରକ ଜବତ, ୪ ଗିରଫ
- ୩ ସପ୍ତାହ ଭିତରେ କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କ ବୋର୍ଡ ନିର୍ବାଚନ ଶେଷ କର: ହାଇକୋର୍ଟ
- ମାଲକାନଗିରିରେ ଗ୍ରୀଡ ଷ୍ଟେସନ୍ ଖୁବ୍ ଶୀଘ୍ର
- ସଡ଼କ ଦୁର୍ଘଟଣାରେ ବାପପୁଅ ମୃତ, ସ୍ତ୍ରୀ ଆହତ
- ଚୋରା ପିସ୍ତଲରୁ ଗୁଳି ଫୁଟି ଜଣେ ଆହତ

କହିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଏହି ଦାବିକୁ ବିଚାର କରିବେ ବୋଲି ପ୍ରତିନିଧି ଦଳଙ୍କୁ କହିଥିଲେ । ପୂର୍ବତନ ଏନ୍‌ଡିଏ ସରକାର ଅନେକ ନୂଆ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଘୋଷଣା କରିଥିବା ବେଳେ ଏ ବାବଦରେ କୌଣସି ଅର୍ଥ ବଜେଟ୍ରେ ବ୍ୟବସ୍ଥା କରି ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ନାର୍ଯ୍ୟ ଦାବି ହାସଲ ପାଇଁ ରାଜ୍ୟରେ ବ୍ୟାପକ ଗଣ ଆନ୍ଦୋଳନର ଆବଶ୍ୟକତା ଅଛି । ବିନା ଆନ୍ଦୋଳନରେ ରାଜ୍ୟ ନିଜର ଅଧିକାର ହାସଲ କରି ପାରିବ ନାହିଁ ବୋଲି ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ବିଚାର କରିଛି । ଏଥି ପାଇଁ ଏକ ବଡ ଧରଣର ଆନ୍ଦୋଳନ କରିବା ପାଇଁ ପାର୍ଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସ୍ୱାର୍ଥ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ମିଳିତ ଦଳର ଦାବି ଉପସ୍ଥାପନ ପାଇଁ ସେ ପୂର୍ବରୁ ଉଦ୍ୟମ କରିଥିଲେ ମଧ୍ୟ ବିଜେଡି ସାଂସଦ ପ୍ୟାରି ମୋହନ ମହାପାତ୍ର ତାଙ୍କୁ ସହଯୋଗ କରି ନଥିଲେ ବୋଲି ଶ୍ରୀ ପତି ଅଭିଯୋଗ କରିଛନ୍ତି । ଶ୍ରୀ ପତି କହିଛନ୍ତି ଯେ ପାରାଦ୍ୱୀପରେ ପ୍ରସ୍ତାବିତ ତୈଳ ବିଶୋଧନାଗାର କେବଳ 'ଇଣ୍ଡିଆନ୍ ଅଏଲ୍'ର ଏକ ତୈଳ ଭଣ୍ଡାର ହେବ । କାକିନାଡାରେ ବିଶୋଧନାଗାର ପ୍ରତିଷ୍ଠା ପରିପ୍ରେକ୍ଷୀରେ ରାଜନୈତିକ ଚାପ ଯୋଗୁଁ ଏହି ପ୍ରକଳ୍ପର ପରିବର୍ତ୍ତନ ହୋଇଛି । ଏନ୍‌ଆଇଏସକୁ ସ୍ଥାନାନ୍ତର ନେଇ ରାଜ୍ୟର ବିଜେଡି-ଭାଜପା ମେଣ୍ଟ ସରକାର କେନ୍ଦ୍ର ୟୁପିଏ ସରକାରଙ୍କୁ ଦୋଷ ଦେଉଥିବାବେଳେ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ୧୯ ଜଣ ସାଂସଦ ପ୍ରଧାନମନ୍ତ୍ରୀଙ୍କୁ କାହିଁକି ଭେଟୁ ନାହାନ୍ତି ବୋଲି ଶ୍ରୀ ପତି ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ଦରଠାରୁ କମରେ ଧାନ କିଣା ଉଦ୍ୟମକୁ ପ୍ରତିବାଦ କରିବା ପାଇଁ ପାର୍ଟି ନିଷ୍ପତ୍ତି ନେଇଛିବୋଲି ସେ ସାମ୍ବାଦିକମାନଙ୍କୁ କହିଥିଲେ ।

ପୂର୍ବପୃଷ୍ଠା

- ବଲାଙ୍ଗୀରରେ ସେକ୍ସ ରାକେଟ୍: ଜଣେ ଦେହଜୀବୀ, ଟେଲିକମ୍ ଯନ୍ତ୍ରୀଙ୍କ ସମେତ ୯ ଗିରଫ
- ବାପୁ, ଭୀମ, ରାଜୁ ଗଲେ ଗାଈ-ଛେଳି ଜଗି: ସର୍ବଶିକ୍ଷା ଗଲା ଚୁଲିକୁ
- ମାଲକାନଗିରିର ଶିକ୍ଷା ସହାୟକଙ୍କୁ ବହିଷ୍କାର ଆଦେଶ ନେଇ ସରକାରଙ୍କୁ ନୋଟିସ୍
- ଅଖିଳ ଓଡ଼ିଶା ବ୍ରାହ୍ମଣ ମହାସଭା ବାର୍ଷିକ ସମ୍ମିଳନୀ
- ବିସ୍ଥାପିତଙ୍କ ଥଇଥାନ ପାଇଁ ସ୍ୱତନ୍ତ୍ର ନୀତି ନିର୍ଧାରଣ ହେବା ଉଚିତ: ଇସ୍ପାତ ଓ ଖଣି ମନ୍ତ୍ରୀ
- ଚୌଦ୍ୱାର ପୌରପାଳିକାକୁ ଭିଜିଲାନ୍ସ ବିଭାଗର କ୍ଲିନ୍‌ଚିଟ୍
- ଅନ୍ତଃସ୍ରାବୀ ରୋଗ ଅଧ୍ୟାପକ ମନୋନୟନ: ପ୍ରାର୍ଥୀଙ୍କ ଯୋଗ୍ୟତା ମାପଦଣ୍ଡକୁ ନେଇ ପ୍ରଶ୍ନବାଚୀ
- ଏଆଇସିସି ଅଧିବେଶନ ଜାନୁଆରି ୨୧ରୁ
- ନିଜାମୁଦ୍ଦିନ-ଭୁବନେଶ୍ୱର ହୀରାକୁଦ ଏକ୍ସପ୍ରେସ୍ ବିଶାଖାପାଟଣାକୁ ସମ୍ପ୍ରସାରିତ
- ରାଜ୍ୟକୁ ଯକ୍ଷ୍ମାମୁକ୍ତ କରିବା ଆମର ସାମାଜିକ ଦାୟିତ୍ୱ: ରାଜ୍ୟପାଳ

Copyright © 2001 orissasambad.com

Site Developed by : www.wayindia.com